# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**12 July - 2024**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବଜେଟ୍ ପରାମର୍ଶ ସଭା ଅନୁଷ୍ଠିତ; ଆସନ୍ତା ୨୫ ତାରିଖରେ ଉପସ୍ଥାପନ ହେବ ପୂର୍ଣ୍ଣାଙ୍ଗ ବଜେଟ୍
- ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଣ୍ଡାୟମାନ ରଥର ଦକ୍ଷିଣମୋଡ
- ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ

ଏବଂ

- ମୌସୁମୀର ପ୍ରଭାବରେ ପ୍ରବଳ ବର୍ଷା ହେବା ନେଇ ୩ଟି ଜିଲ୍ଲାକୁ ସତର୍କ ସୂଚନା

# ମୁଖ୍ୟମନ୍ତ୍ରୀ-ବଜେଟ୍ ଆଲୋଚନା

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ପ୍ରାକ୍ ବଜେଟ୍ ପରାମର୍ଶ ସଭା ଅନୁଷ୍ଠିତ ହୋଇଛି। ବୈଠକରେ ୨୦୨୪-୨୫ ଆର୍ଥିକବର୍ଷ ପାଇଁ ଉପସ୍ଥାପନ ହେବାକୁ ଥିବା ବଜେଟ୍ ଓ ଅର୍ଥନୈତିକ ସର୍ବେକ୍ଷଣ ରିପୋର୍ଟ ଉପରେ ଆଲୋଚନା ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସାଧାରଣ ଜନତାଙ୍କ ମତାମତକୁ ଗୁରୁତ୍ୱ ଦେବା ସହ ଚଳିତ ବଜେଟ୍ ଲୋକଙ୍କ ବଜେଟ୍ ଭାବରେ ସମସ୍ତଙ୍କର ଆଶା-ଆକାଂକ୍ଷାକୁ ପ୍ରତିଫଳିତ କରିବ।

ସେ କହିଛନ୍ତି...

## - V/O -

ମୁଖ୍ୟମନ୍ତ୍ରୀ ଏହି ସମୟରେ ବୈଠକରେ ଯୋଗଦେଇଥିବା ଅତିଥିମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ପରାମର୍ଶ ଗ୍ରହଣ କରିଛନ୍ତି। ବୈଠକରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡା ଏବଂ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପ୍ରଫୁଲ ଘଡେଇ, ଶଶୀଭୂଷଣ ବେହେରା, ପୂର୍ବତନ ଅର୍ଥ ସଚିବଗଣ, ଆରବିଆଇ ଆଂଚଳିକ ନିର୍ଦ୍ଦେଶକଙ୍କ ସମେତ ବହୁ ପ୍ରତିଷ୍ଠିତ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ଗତକାଲି ବଜେଟ୍ ନେଇ ମୁଖ୍ୟମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ବଜେଟ୍ ପାଇଁ ଜନସାଧାରଣଙ୍କ ମତାମତ ଲୋଡିଥିଲେ। ଚଳିତ ବର୍ଷ ଅନ୍‌ଲାଇନ୍ ମାଧ୍ୟମରେ ୧୨ ହଜାରରୁ ଅଧିକ ମତାମତ ମିଳିଛି। ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ ୬ ଗୁଣା ଅଧିକ।

ଆସନ୍ତା ୨୫ ତାରିଖରେ ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ ।

# ଦକ୍ଷିଣମୋଡ

ଶ୍ରୀକ୍ଷେତ୍ର **ପୁରୀ**ରେ ବାହୁଡାଯାତ୍ରାର ଅନ୍ତିମ ପର୍ଯ୍ୟାୟରେ  ଦୁଇଟି ରଥର ଆଜି ଦକ୍ଷିଣମୋଡ କରାଯାଇଥିବାବେଳେ ନନ୍ଦୀଘୋଷ ରଥକୁ ଆସନ୍ତାକାଲି ଦକ୍ଷିଣମୋଡ କରାଯିବ । ଆଜି ସକାଳ ଧୂପନୀତି ଶେଷ ହେବା ପରେ ଆଜ୍ଞାମାଳ ବିଜେ କରାଯାଇଥିଲା । ଦକ୍ଷିଣ ମୋଡ଼ରେ ଶ୍ରୀଗୁଣ୍ଡିଚା ଘର ସିଂହଦ୍ୱାର ସମ୍ମୁଖରୁ ରଥଗୁଡ଼ିକ ଟଣା ହୋଇ ନାକଚଣା ଦ୍ୱାରକୁ ଆସିଥିଲେ । ପରମ୍ପରା ଅନୁଯାୟୀ ପ୍ରଥମେ ଦର୍ପଦଳନ, ପରେ ତାଳଧ୍ୱଜ ଓ ଶେଷରେ ନନ୍ଦୀଘୋଷ ରଥ ଟଣାଯାଇ ନାକଚଣା ଦ୍ୱାର ସମ୍ମୁଖ ଶରଧାବାଲିରେ ରଖାଯାଇଛି ।

ରଥଯାତ୍ରା ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏକ ଫଟୋଚିତ୍ର ପ୍ରଦର୍ଶନୀର ଆୟୋଜନ କରାଯାଇଛି । ଏଥିରେ ମହାପ୍ରଭୁଙ୍କର ମାନବୀୟ ଲୀଳାର ଫଟୋଚିତ୍ରଗୁଡ଼ିକ ପ୍ରଦର୍ଶନ କରାଯାଇଛି । ପ୍ରଦର୍ଶନୀ ମଣ୍ଡପରେ ପୁରାତନ ଶ୍ରୀଜଗନ୍ନାଥ ଚଳଚ୍ଚିତ୍ର ମଧ୍ୟ ପ୍ରଦର୍ଶନ କରାଯାଇଛି ।

# ଶୃଙ୍ଖଳିତ ବାହୁଡା ଯାତ୍ରା

ଶ୍ରୀକ୍ଷେତ୍ର ପୁରୀରେ ଚଳିତ ବାହୁଡାଯାତ୍ରାକୁ ଶୃଙ୍ଖଳିତ କରିବା ଉପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ଗୁରୁତ୍ୱାରୋପ କରିଛନ୍ତି । ରଥ ଉପରେ ଆବଶ୍ୟକ ସଂଖ୍ୟାଠାରୁ ଅଧିକ ସେବାୟତ ନ ରହିବା ପାଇଁ

ଶ୍ରୀ ପାଢ଼ୀ କହିଛନ୍ତି। ଏଥିସହ ରଥ ଉପରକୁ ମୋବାଇଲ୍ ଫୋନ୍ ନେବାପାଇଁ ନିଷିଧ କରାଯାଇଛି। ଏହାର ଅବମାନନା କଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେବା ସହ ଜଡ଼ିତ ନଥିବା ବ୍ୟକ୍ତିଙ୍କୁ ରଥ ଉପରେ ଚଢ଼ିବାକୁ ବାରଣ କରାଯାଇଛି। ମହାପ୍ରଭୁଙ୍କ ନୀତିକାନ୍ତିକୁ ସୁଚାରୁ ରୂପେ ସମ୍ପାଦନ କରିବା ନେଇ ଶ୍ରୀ ପାଢ଼ୀ ସେବାୟତମାନଙ୍କ ସହିତ ଆଲୋଚନା କରିଛନ୍ତି।

## ଖାଦ୍ୟ କମିଶନରଙ୍କ ଜିଲ୍ଲା ଗସ୍ତ

ଓଡିଶା ଖାଦ୍ୟ କମିଶନ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଓ ସଦସ୍ୟ ଦୟାନିଧି ଦାଶ ଦୁଇଦିନିଆ ନବରଙ୍ଗପୁର ଜିଲ୍ଲା ଗସ୍ତରେ ଯାଇ ପାପଡାହାଣ୍ଡି ବ୍ଲକରେ ଶେମଲା ଗ୍ରାମର ଛତୁଆ ସେଣ୍ଟର ପରିଦର୍ଶନ କରିଛନ୍ତି। ଏହି ଅବସରରେ ଛତୁଆ ପ୍ରସ୍ତୁତ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ସହିତ ଆଲୋଚନା କରିଛନ୍ତି। ଶିଶୁମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଛତୁଆର ଗୁଣବତ୍ତା ଅକ୍ଷୁର୍ଣ୍ଣ ରଖିବାକୁ କମିଶନ ଅଧ୍ୟକ୍ଷ ଶ୍ରୀ ସାହୁ ପରାମର୍ଶ ଦେଇଛନ୍ତି। ଏଥିସହିତ ଧନସୁଲି ଆଶ୍ରମ ସ୍କୁଲ, ଦଲେଇ ଗୁଡା ପ୍ରାଇମେରୀ ସ୍କୁଲ୍, ଏସ୍.ଏସ୍.ଡି. ହାଇସ୍କୁଲ ପରିଦର୍ଶନ କରିଥିଲେ।

ଦ୍ୱିତୀୟ ଦିବସରେ ଆଜି କମିଶନ ଅଧ୍ୟକ୍ଷ ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।

## ରତ୍ନଭଣ୍ଡାର-ଆଇନ୍‌ମନ୍ତ୍ରୀ

ରତ୍ନଭଣ୍ଡାର ଖୋଲିବା ନେଇ ଆଇନଗତ ଓ ବିଭିନ୍ନ ଦିଗ ଉପରେ ତର୍ଜମା ଚାଲିଛି। ଆସନ୍ତାକାଲି ବିଧିବଦ୍ଧ ଭାବେ  ସରକାରଙ୍କ ନିଷ୍ପତ୍ତି ସ୍ପଷ୍ଟ ହୋଇଯିବ ବୋଲି ଆଇନମନ୍ତ୍ରୀ ପୃଥୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

## ଡେଙ୍ଗୁ

ରାଜ୍ୟରେ ଡେଙ୍ଗୁ, ମ୍ୟାଲେରିଆ ପ୍ରତି ସତର୍କ ରହିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି। ଚଳଚିତ୍ର କଳାକାରଙ୍କ ଜରିଆରେ ଡେଙ୍ଗୁ ସହ ଅନ୍ୟ ରୋଗର ପ୍ରତିକାର ପାଇଁ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

ରାଉରକେଲାରେ ଆଜି ଡେଙ୍ଗୁ ଆକ୍ରାନ୍ତଙ୍କୁ ବିଧାୟକ ଦୁର୍ଗା ଚରଣ ତନ୍ତୀ ଭେଟିଛନ୍ତି। ଏଥିସହ ଡେଙ୍ଗୁ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। ଶ୍ରୀ ତନ୍ତୀ ଇସ୍ପାତ ଜେନେରାଲ ହସ୍‌ପିଟାଲରେ ଡେଙ୍ଗୁ ଆକ୍ରାନ୍ତଙ୍କୁ ଭେଟି ସେମାନଙ୍କର ଆରୋଗ୍ୟ କାମନା କରିଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ ଆଜି ସୁଦ୍ଧା ୫୧୬ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ କରାଯାଇଛି। ଏହି ପରିପ୍ରେକ୍ଷୀରେ ସବୁ ଜିଲ୍ଲା ହସ୍ପିଟାଲ୍‌ରେ ଡେଙ୍ଗୁ ୱାର୍ଡ ଖୋଲିବାକୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଛନ୍ତି।

## ପିଏମ୍ କେୟାର ଯୋଜନା

ପିଏମ୍ କେୟାର ଯୋଜନାରେ କଟକ ଜିଲ୍ଲାର ୪ ଜଣ ହିତାଧିକାରୀଙ୍କୁ ଆଜି ପୋଷ୍ଟାଲ ଆକାଉଣ୍ଟ ପ୍ରଦାନ କରାଯାଇଛି। ଏହି ବାଳିକାମାନଙ୍କର ବୟସ ୧୨ ରୁ ୧୮ ବର୍ଷ ମଧ୍ୟରେ। ପିଏମ୍ କେୟାର ଅଧିନରେ ଏମାନଙ୍କ ଆକାଉଣ୍ଟକୁ ୧୮ ବର୍ଷ ପର୍ଯ୍ୟନ୍ତ ସହାୟତା ରାଶି ପ୍ରଦାନ କରାଯିବ। ହିତାଧିକାରୀମାନେ ୨୩ ବର୍ଷରେ ପଦାର୍ପଣ କଲେ ଜିଲ୍ଲାପାଳଙ୍କ ଅନୁମତି ନେଇ ଅର୍ଥ ଉଠାଣ କରିପାରିବେ। ହିତାଧିକାରୀଙ୍କ ପାଠପଢ଼ା, ସାମଗ୍ରୀକ ବିକାଶ ଓ ଥଇଥାନ ଦିଗରେ ପିଏମ୍ କେୟାର ଯୋଜନା କାର୍ଯ୍ୟକାରୀ ହେଉଛି।

ସୂଚନାଯୋଗ୍ୟ, ଏହି ୪ ଜଣ ବାଳିକାଙ୍କର ପିତାମାତା କୋଭିଡ୍‌ରେ ପ୍ରାଣ ହରାଇଥିଲେ।

## ତାଲିମ କାର୍ଯ୍ୟକ୍ରମ

ଆଇଆଇଏମ୍ **ସମ୍ବଲପୁର** ପକ୍ଷରୁ ଆଂଚଳିକ ଭାଷାରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ବିଜ୍‌ନେସ୍ ମ୍ୟାନେଜ୍‌ମେଣ୍ଟ ଟ୍ରେନିଂ ପ୍ରଦାନ କରାଯାଉଛି। ପଶ୍ଚିମ ଓଡ଼ିଶାର ପ୍ରମୁଖ ବୁଣାକାରମାନଙ୍କ ପାଇଁ ଏହି ୧୨ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମ୍ବଲପୁର ଆଇଆଇଏମ୍ ପକ୍ଷରୁ ଆୟୋଜନ କରାଯାଇଛି। ସେଣ୍ଟର ଫର ରେସ୍‌ପନ୍‌ସବୁଲ୍ ବିଜ୍‌ନେସ୍ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡିଜାଇନ୍, ବୟନ, ଡିଜିଟାଲ ମାର୍କେଟିଂ ଆଦି ସମ୍ପର୍କରେ ତାଲିମ୍ ପ୍ରଦାନ କରାଯାଉଛି। ପ୍ରାୟ ୨୫ ଜଣ ବୁଣାକାର ଏହି ଶିବିରରେ ଯୋଗ ଦେଇଛନ୍ତି।

## ଦୁର୍ଘଟଣା

ଅନୁଗୁଳ ଜିଲ୍ଲାରେ ପୃଥକ୍ ପୃଥକ୍ ଦୁର୍ଘଟଣାରେ ଆଜି ୪ ଜଣଙ୍କର ମୃତ୍ୟୁ ଘଟିଛି। ୫୫ ନମ୍ବର ଜାତୀୟ ରାଜପଥର କୁଲାଡଠାରେ ଟ୍ୟାଙ୍କର ଦୁର୍ଘଟଣାରେ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବାବେଳେ ଜରଡା ଛକ ନିକଟରେ ସଡକ ଦୁର୍ଘଟଣାରେ ଅନ୍ୟ ଜଣଙ୍କର ମୃତ୍ୟୁ ଘଟିଛି। ତାଳଚେର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥରେ ନୂଆପଡା ଛକରେ ମୋଟର ସାଇକେଲ ଏବଂ ଟ୍ରକ ମଧ୍ୟରେ ଧକ୍କା ହେବା ଫଳରେ ଅନ୍ୟ ୨ ଜଣଙ୍କର ମୃତ୍ୟୁ ଘଟିଛି।

## ଆଲୋଚନା

**ସମ୍ବଲପୁର** ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଉନ୍ନତି ଏବଂ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ରେଙ୍ଗାଲି ବିଧାୟକଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ଓ ବ୍ଲକ୍ ଅଧ୍ୟକ୍ଷକ ଯୋଗଦେଇଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ ଓ ରାସ୍ତାଘାଟର ମରାମତି ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ବିଭିନ୍ନ ସ୍କୁଲରେ ବିଦ୍ୟୁତ୍ ସଂଯୋଗକୁ ସୁନିଶ୍ଚିତ କରିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

## ପାଣିପାଗ

ରାଜ୍ୟରେ ମୌସୁମୀବାୟୁ ସକ୍ରିୟ ରହିଛି। ଏହାର ପ୍ରଭାବରେ କେତେକ ସ୍ଥାନରେ ବର୍ଷା ଲାଗି ରହିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବା ନେଇ

ବାଲେଶ୍ୱର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ, ଜଗତସିଂହପୁର ଜିଲ୍ଲାର ପାରାଦୀପରେ ସର୍ବାଧିକ ୭୩ ଦଶମିକ ୭ ମିଲିମିଟର ବର୍ଷା ରେକର୍ଡ଼ ହୋଇଛି । ସେହିପରି ଢେଙ୍କାନାଳରେ ୫୧ ଦଶମିକ୪, କେନ୍ଦ୍ରାପଡ଼ାରେ ୪୨ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

## ଅମରନାଥ ଯାତ୍ରା

କଡ଼ା ସୁରକ୍ଷା ବଳୟ ଭିତରେ ଆଜି ୪ ହଜାର ୪୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କ ୧୫ତମ ବ୍ୟାଚ ଅମରନାଥ ତୀର୍ଥଯାତ୍ରାରେ ସାମିଲ ହେବା ପାଇଁ ଜମ୍ମୁରୁ ବାହାରିଥିବା ଜଣାପଡିଛି ।

୨ହଜାର ୭୧୩ ତୀର୍ଥଯାତ୍ରୀ ପହଲଗାମ ରାସ୍ତାରୁ ଯାତ୍ରା କରିବେ । ସେହିପରି ୧ହଜାର ୭୨୧ ତୀର୍ଥଯାତ୍ରୀ ବାଲଟାଲରୁ ଯାତ୍ରା କରିବେ । ଏହି ବ୍ୟାଚ ସହିତ ଚଳିତବର୍ଷ ଅମରନାଥ ଯାତ୍ରା କରିଥିବା ତୀର୍ଥଯାତ୍ରୀଙ୍କ ସଂଖ୍ୟା ୮୧ ହଜାର ୬୪୪ରେ ପହଂଚିଛି । ଆସନ୍ତା ଅଗଷ୍ଟ ୧୯ ତାରିଖରେ ଏହି ତୀର୍ଥଯାତ୍ରା ସରିବ ।

# ସମ୍ବିଧାନ ହତ୍ୟା ଦିବସ

କେନ୍ଦ୍ର ସରକାର ପ୍ରତିବର୍ଷ ଜୁନ ୨୫ ତାରିଖକୁ 'ସମ୍ବିଧାନ ହତ୍ୟା ଦିବସ' ଭାବେ ପାଳନ କରିବାକୁ ଘୋଷଣା କରିଛନ୍ତି। ୧୯୭୫ ଜୁନ ୨୫ରେ ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିବାରୁ ଏହି ଦିନକୁ ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯିବ। ଏ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମରେ ସୂଚନା ଦେଇଛନ୍ତି।

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜୁନ୍ ୨୫କୁ ସମ୍ବିଧାନ ହତ୍ୟା ଦିବସ ଭାବରେ ପାଳନ କରିବା ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଭବିଷ୍ୟତ ପିଢ଼ିଙ୍କୁ ଏକଛତ୍ରବାଦୀ ମାନସିକତା ସହ ପରିଚିତ କରାଇବା ଏବଂ ଭାରତୀୟ ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇ ରଖିବା ପାଇଁ ସଂଗ୍ରାମ କରିଥିବା ଦେଶସେବୀମାନଙ୍କ ପ୍ରତି ଏହା ବାସ୍ତବ ଶ୍ରଦ୍ଧାଞ୍ଜଳି ବୋଲି ସେ କହିଛନ୍ତି।

*********************************